ମୁଖ୍ୟ ଖବର

The Samaja

About Us | | Contact Us Friday,26 May 2006 Search

ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments
- Entertainment
- Subscriptions
- Advertisements

## ପାରାଦ୍ୱୀପ ପେଟ୍ରୋକମ୍ପ୍ଲେକ୍ସର ଶିଳାନ୍ୟାସ ପ୍ରଧାନମନ୍ତ୍ରୀ କରିବେ

ଭୁବନେଶ୍ୱର (ଭୁ.ପ୍ର)- ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂ ପାରାଦ୍ୱୀପ ଠାରେ ପ୍ରସ୍ତାବିତ ପରିବର୍ଦ୍ଧିତ ପେଟ୍ରୋ କେମିକାଲ କମ୍ପ୍ଲେକ୍ସର ଖୁବ୍ ଶୀଘ୍ର ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପରେ ୪୭ହଜାରକୋଟିଟଙ୍କା ବ୍ୟୟ କରାଯିବ । ଏହାଛଡ଼ା ଓଡ଼ିଶାରେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ମଧ ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ର ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ପ୍ରକାଶ କରିଛନ୍ତି । ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରରାଷ୍ଟ୍ରମନ୍ତ୍ରୀ ଶ୍ରୀ ସାହୁ କହିଲେ ଯେ ଏନ୍‌ଡ଼ିଏ ସରକାରଙ୍କ ଅମଳରେ ପାରାଦ୍ୱୀପ ଠାରେ ୧୨ହଜାର କୋଟିଟଙ୍କା ବ୍ୟୟ ଅଟକଳରେ ତୈଳବିଶୋଧନାଗାର ପ୍ରତିଷ୍ଠାପାଇଁ ଶୁଭ ଦିଆଯାଇଥିଲା । ବର୍ତ୍ତମାନର ୟୁପିଏ ସରକାର ଏହି ପ୍ରକଳ୍ପକୁ ପରିବର୍ଦ୍ଧିତ କରି ପୁଞ୍ଜି ବିନିଯୋଗର ପରିମାଣକୁ ୪୭ହଜାର କୋଟିଟଙ୍କାକୁ ବୃଦ୍ଧି କରିଛନ୍ତି । ସେହିଭଳି ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଓଡ଼ିଶାରେ ପ୍ରତିଷ୍ଠା କରିବାପାଇଁ ଗତ ଏନ.ଡ଼ି.ଏ ସରକାର ନିଷ୍ପତ୍ତି ନେଇଥିଲେ ବୋଲି ଯେଉଁ ପ୍ରଚାର କରାଯାଉଛି ତାହା ସତ୍ୟର ଅପଳାପ ମାତ୍ର । କେନ୍ଦ୍ରସରକାର ନୁହଁ, ୟୁଜିସି ହିଁ ଏହି ପ୍ରସ୍ତାବ ଦେଇଥିଲା । କିନ୍ତୁ ୟୁଜିସିର ଏଭଳି ପ୍ରସ୍ତାବ ଦେବାର କ୍ଷମତା ନାହିଁ ବୋଲି ଅନୁଧ୍ୟାନରୁ ଜଣାପଡ଼ିବାପରେ ପ୍ରସ୍ତାବଗୁଡ଼ିକ ରଦ୍ଦ କରିଦିଆଯାଇଥିଲା ଏବଂ ସେ ପ୍ରସଙ୍ଗର ଅବସାନ ଘଟିଛି ବୋଲି ସେ ଉଲ୍ଲେଖ କରିଥିଲେ । ତେବେ ଓଡ଼ିଶାବାସୀଙ୍କ ଆବେଗ ଓ ଭାବାବେଗ ଏବଂ ଦଳମତ ନିର୍ବିଶେଷରେ ସାଂସଦମାନଙ୍କର ଦାବିକୁ ଉପଲବ୍ଧି କରି ୟୁପିଏ ସରକାର ଓଡ଼ିଶାରେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନପାଇଁ ପଦକ୍ଷେପ ନେଉଛନ୍ତି ଏବଂ ଏ ସମ୍ପର୍କୀୟ ସୁଖବର ଖୁବ୍ ଶୀଘ୍ର ରାଜ୍ୟବାସୀ ପାଇବେ ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ରାଜ୍ୟ ସରକାରଙ୍କୁ ପରୋକ୍ଷ ସମାଲୋଚନା କରି କେନ୍ଦ୍ରମନ୍ତ୍ରୀ କହିଲେ ଯେ ଓଡ଼ିଶାକୁ ପର୍ଯ୍ୟାପ୍ତ କେନ୍ଦ୍ରୀୟ ଅନୁଦାନ ଆସୁଥିଲାବେଳେ ଏହାକୁ ଖର୍ଚ୍ଚ କରିବାରେ ରାଜ୍ୟସରକାର ବିଫଳ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ସାହୁ ଉଦାହରଣ ଦେଇ କହିଲେ ଯେ ଗଜପତି ଜିଲାରେ ଆଇଟିଡ଼ିଏ ପ୍ରକଳ୍ପରେ ପାଞ୍ଚକୋଟି ଟଙ୍କା ବହୁବର୍ଷଧରି ଖର୍ଚ୍ଚ ନହୋଇ ପଡ଼ିରହିଛି । ଏହି ଜିଲା ଲାଗି ଆଇଟିଡିଏ ପ୍ରକଳ୍ପରେ ତାଙ୍କରି ଉଦ୍ୟମରେ ଆଉ ୧୫କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ସେ ଆଣିଥିଲେ । ମାତ୍ର ଗଜପତି ଜିଲାପାଳ ଏହାକୁ ଖର୍ଚ୍ଚ କରିବାପାଇଁ ଅସମର୍ଥ ପ୍ରକାଶ କରି ଆଉ ଟଙ୍କା ନଦେବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ । ଜିଲାପାଳ କହିଥିଲେ ଯେ ଆବଶ୍ୟକ ଅନୁଯାୟୀ କର୍ମଚାରୀ ନଥିବାରୁ ପ୍ରକଳ୍ପ କାର୍ଯ୍ୟ କରାଯାଇପାରୁନାହିଁ । ରାଷ୍ଟ୍ରୀୟ ସମବିକାଶ ଯୋଜନା ସମେତ ଅନ୍ୟାନ୍ୟ କେନ୍ଦ୍ରୀୟ ଯୋଜନାରୁ ଯେଉଁ ଅର୍ଥ ଆସୁଛି ତାହା ଖର୍ଚ୍ଚ କରିବାଲାଗି ମଧ କର୍ମଚାରୀ ନାହାନ୍ତି । ତେଣୁ ଅଧିକ ଅର୍ଥ ତାଙ୍କୁଦେଲେ ସେ ଖର୍ଚ୍ଚ କରିପାରିବେନାହିଁ ବୋଲି ଗଜପତି ଜିଲାପାଳ କହିଥିବା ଶ୍ରୀ ସାହୁ ଉଲ୍ଲେଖ କରିଥିଲେ । ଏହାଛଡ଼ା ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନରେ ୧୩୦କୋଟିଟଙ୍କା ଏବେବି ବିନିଯୋଗ ହୋଇପାରିନାହିଁ । ଏହା ନବୀନ ସରକାରଙ୍କ ବିଫଳତା କି ବୋଲି ଏକାଧିକ ପ୍ରଶ୍ନର ଉତ୍ତରକୁ ଏଡ଼ାଇ ଯାଇ ଶ୍ରୀ ସାହୁ କହିଲେ ଯେ ସରକାର ଦକ୍ଷ କି ଅପାରଗ ତାହା ଜନସାଧାରଣ ମୂଲ୍ୟାୟନ କରିବେ । ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକଙ୍କ ଲାଗି ସାମାଜିକ ନିରାପତ୍ତା ପାଇଁ ସରକାର ଏକ ପାଣ୍ଠି ଗଠନ କରିବେ । ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୫ହଜାର କୋଟିଟଙ୍କା କେନ୍ଦ୍ରସରକାର ଯୋଗାଇଦେବେ । ୫ବର୍ଷ ମଧରେ ଏହି ଯୋଜନାରେ ୨୫ହଜାରକୋଟି ଟଙ୍କା ଆବଶ୍ୟକ ରହିଛି । ଏହି ଅର୍ଥରୁ ଶ୍ରମିକମାନଙ୍କୁ ୬୦ବର୍ଷ ପରେ ବିଭିନ୍ନ କିସମରେ ମାସକୁ ୨୦୦, ୩୦୦, ଓ ୫୦୦ ଟଙ୍କା ହାରରେ ପେନ୍‌ସନ୍ ଯୋଗାଇ ଦିଆଯିବ ଏବଂ ସେମାନଙ୍କର ସ୍ୱାସ୍ଥ୍ୟସେବାପାଇଁ ମଧ ଏଥିରୁ ଅର୍ଥ ଯୋଗାଇ ଦିଆଯିବ ବୋଲି କେନ୍ଦ୍ରରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଥିଲେ । ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସାମ୍ବାଦିକମାନଙ୍କ ପାଇଁ ନୂତନ ମଜୁରୀବୋର୍ଡ଼ ଖୁବ୍ ଶୀଘ୍ର ବସାଯିବବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ ।







**About Us** **Contact Us**

The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919. Published simultaneously from Cuttack, Vizag,Bhubaneswar, Rourkela, Sambalpur & Kolkatta
Hosted and Maintained by **Suryanandan.Net**